# ବିମୁଦ୍ରାକରଣ: ବିପଦରେ ଭାରତର ଅନ୍ତଃକରଣ

**ସୁଭାଷ ଚନ୍ଦ୍ର ପଟ୍ଟନାୟକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ନଭେମ୍ବର ୮ ତାରିଖ ରାତି ୮ଟାରେ ତାଙ୍କ ଆଦେଶ ଘୋଷଣା କରୁଥିବାବେଳେ ମୁଁ ତାଙ୍କୁ ତତ୍କାଳ ସ୍ୱାଗତ କରିଥିଲି । କାରଣ, ଦେଶରେ ଚାଲିଥିବା ଜାଲ୍ ନୋଟ୍‌ର ପ୍ରାବଲ୍ୟ ଏତେ ଉତ୍କଟ ଥିଲା ଯେ , ୫୦୦ ବା ୧୦୦୦ ଟଙ୍କିଆ ନୋଟ ଯେକୌଣସି ସଉଦା ବା ସରକାରୀ ବିଲ୍ ବାବଦରେ ପ୍ରଦାନକଲାବେଳେ ନେଉଥିବା ବ୍ୟକ୍ତି ତାହା ଜାଲ୍ କି ନା ପରୀକ୍ଷା କରୁଥିଲେ , ସତେ ଯେମିତି ସେହି ଟଙ୍କା ପ୍ରଦାନକାରୀ ଭାରତୀୟ ଜଣେ ଅପରାଧୀ ! ଏ ଅପମାନଜନକ ଅବସ୍ଥାର ପରିବର୍ତ୍ତନପାଇଁ ସେହି ନୋଟ୍‌ଗୁଡ଼ିକର ତତ୍କାଳ ବିମୁଦ୍ରାକରଣ ଓ ତହିଁ ବଦଳରେ ନୂଆ କିସମର ନୋଟ୍ ପ୍ରବର୍ତ୍ତନ ପାଇଁ ମୋଦି ଯେତେବେଳେ ଘୋଷଣା କଲେ , ମୋତେ ଲାଗିଥିଲା – ସତେ ବା ଏକ ସ୍ୱର୍ଗୀୟ ସମାଧାନ ମିଳିଗଲା ! ତେଣୁ ମୁଁ ତାଙ୍କୁ ସ୍ୱାଗତ କରିଥିଲି ।

ଅପରପକ୍ଷେ, ଏହି ନୋଟ ଜାଲିଆତି ମୋଦିଙ୍କ ସମୟରେ ଆରମ୍ଭ ହୋଇନଥିଲା । ଠିକ୍ କାହା ଅମଳରେ ଆରମ୍ଭ ହୋଇଥିଲା ତାହା ସରକାର ଜନସାଧାରଣଙ୍କୁ ଜଣାଇବା ଉଚିତ । ମାତ୍ର ମନମୋହନ ସିଂହଙ୍କ ଶାସନକାଳରେ ଦେଶରେ ଜାଲ୍ ନୋଟ୍ ଏତେ ବ୍ୟାପକ ହୋଇଯାଇଥିଲା ଯେ , ମନେ ହେଉଥିଲା, ବ୍ୟାଙ୍କରୁ ମିଳୁଥିବା ନୋଟ୍ ଗୁଡ଼ିକ ବି ଜାଲ୍ । କାରଣ , ଜାଲ୍ ନୋଟ୍ ତିଆରି କରୁଥିବା କାରଖାନା ଠାବ କରିବା ଓ ସେଗୁଡ଼ିକୁ ଚଳାଉଥିବା ଲୋକଙ୍କୁ ଧରିବା ପରିବର୍ତ୍ତେ ସରକାର ସାରା ଭାରତର ସବୁ ଅଧିବାସୀଙ୍କୁ ଜାଲିଆ ବୋଲି ଭାବୁଥିଲେ ଓ ସବୁ ଜାତୀୟକରଣ ହୋଇଥିବା ବ୍ୟାଙ୍କରେ ଜାଲ୍ ନୋଟ୍ ଧରା ମେସିନ୍ ଲଗାଇ ଜମାକାରୀମାନଙ୍କ ନୈତିକ ବଳ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରୁଥିଲେ ।

**ମୋ ନିଜ ଅନୁଭୂତିରୁ ପଦେ**

ମୋର ଜଣେ ସଂପର୍କୀୟ ଦିଲ୍ଲୀ ଯାଇଥିବା ବେଳେ ମୋ ପାଇଁ ସେଠାରୁ କିଛି ସାମଗ୍ରୀ କିଣି ଆଣିବାକୁ ମୁଁ ତାଙ୍କୁ କହିଥିଲି ଓ ମୋ ଜମାଖାତାରୁ ଟଙ୍କା ଉଠାଇ ତାଙ୍କ ଜମାଖାତାରେ ମୁଁ କିଛି ଟଙ୍କା ପଇଠ କରିବାକୁ ଚାହୁଁଥିଲି ଏଇଥିପାଇଁ ଯେ, ଦିଲ୍ଲୀରେ ସେ ତାଙ୍କ ଡେବିଟ୍ କାର୍ଡରେ ତାହା ଉଠାଇ ମୋ ପାଇଁ ସାମଗ୍ରୀତକ କିଣି ଆଣିପାରିବ । ମୁଁ ଷ୍ଟେଟବ୍ୟାଙ୍କ କାଉଣ୍ଟରରେ ମୋ ଚେକ୍ ଦେଲି ଓ ତାଙ୍କ ନାମରେ ଆବଶ୍ୟକୀୟ ଟଙ୍କାର ପେ-ଇନ୍-ସ୍ଲିପ୍ ଦେଲି । କାଉଣ୍ଟରରେ ଥିବା କ୍ୟାସିୟର୍ ମୋ ଚେକ୍ ଅନୁରୂପ ଟଙ୍କାର ଏକ ବିଡ଼ା ମୋତେ ଦେଲେ ଓ ପେ-ଇନ୍-ସ୍ଲିପ୍ ଅନୁରୂପ ଟଙ୍କା ତାଙ୍କୁ ଦେବାକୁ କହିଲେ । ତାଙ୍କରି ଆଖି ଆଗରେ ମୁଁ ସେହି ପୁରୁଣା ନୋଟ୍‌ର ବିଡ଼ାରୁ ବାହାର କରି ତାଙ୍କୁ ଆବଶ୍ୟକୀୟ ଟଙ୍କା ଦେଲି । ଅଥଚ ମୋରି ଆଖି ଆଗରେ ସେ ତାହା ଜାଲ୍ କି ନୁହଁ ପରୀକ୍ଷା କଲେ । ମୁଁ ତାଙ୍କୁ ପଚାରିଲି , 'ଆପଣ ମୋତେ ଦେଇଥିବା ଟଙ୍କାକୁ ବି ନିଜେ ହିଁ ଜାଲ୍ ବୋଲି ଭାବୁଛନ୍ତି?' ସେ ନୀରବ ରହିଲେ । ଅର୍ଥାତ୍ , ସେହି କ୍ୟାସିୟର ବି ଜାଣିଥିଲେ ଯେ , ବ୍ୟାଙ୍କ ଲକରରୁ ବାହାରୁଥିବା ଟଙ୍କାରେ ଜାଲ୍ ନୋଟ୍ ଥାଏ । ଏହା ଥିଲା ଭାରତ ରାଜନୀତିରେ ମନମୋହନ ସିଂହ ଖଞ୍ଜିଥିବା ନଗ୍ନ ପୁଞ୍ଜିବାଦୀ ଅର୍ଥନୀତିର ପରିଣତି । ମୋଦି ତ ତାଙ୍କରି ଯୋତା ପାଦରେ ଗଳାଇ ଚାଲିଛନ୍ତି । ସୁତରାଂ ଜାଲ୍ ନୋଟ୍‌ର ସୀମା ଏତେ ବଢ଼ିଯାଇଥାଇପାରେ ଯେ, ଅବସ୍ଥା ଅସମ୍ଭାଳ ହୋଇଥିବ ଓ ଜାଲ୍ ନୋଟ୍ ହୁଏତ ଦେଶର ଅସଲ ନୋଟ୍‌ଗୁଡ଼ିକର ସ୍ଥାନ ନେଇସାରିଥିବ ସାମଗ୍ରିକ ଭାବେ । ତେଣୁ , ଏପରି ଏକ ପଦକ୍ଷେପର ଆବଶ୍ୟକତା ପଡ଼ିଥାଇପାରେ ବୋଲି ଭାବି, ମୋଦିଙ୍କ ଘୋଷଣାକୁ ମୁଁ ତତ୍କାଳ ସମର୍ଥନ କରିଥିଲି । ତାହା ମୋର ଭୁଲ ଥିଲା । କାରଣଗୁଡ଼ିକ ଏହିପରି –

(୧) ଏହି ଆକସ୍ମିକ ପଦକ୍ଷେପର କୁପରିଣତି ସମ୍ଭାଳିବାକୁ ମୋଦି ନିଜ ସରକାରକୁ ପ୍ରସ୍ତୁତ କରିନଥିଲେ । ବରଂ ଏକ ବିଭ୍ରମ ଆନନ୍ଦ ଉପଭୋଗ କରିବାକୁ ବ୍ୟଗ୍ର ଥିଲେ । ରୋମ୍ ଜଳିଗଲାବେଳେ ନେରୋଙ୍କ ବେହେଲା ବାଦନ ପରି , ସେ ଜାପାନ ଗସ୍ତରେ ଯାଇଥିଲେ , ଯେତେବେଳେ ସାରା ଭାରତର ନିଷ୍ପାପ ଖାଉଟିମାନେ ନାହିଁନଥିବା ବିପତ୍ତି କବଳକୁ ଠେଲି ହୋଇଯାଇଥିଲେ ତାଙ୍କ ଆକସ୍ମିକ ନିଷ୍ପତ୍ତି ହେତୁ ।

(୨) ଏହି ଯେଉଁ ନିଷ୍ପତ୍ତି ଭାରତର ସ୍ୱାଭାବିକ ଜୀବନଯାତ୍ରାକୁ ଅଚଳ କରିଦେଇଛି ଅଦ୍ୟାବଧି , ତାହା ପାଇଁ ସେ ତାଙ୍କ ମନ୍ତ୍ରୀପରିଷଦର ଅନୁମୋଦନ ନେବାକୁ ଉଚିତ ମନେକରିନଥିଲେ ଓ ଏପରିକି ନିଜ ଦଳର ଯୌଥ ନେତୃତ୍ୱର ବିଜ୍ଞତା ବି ଲୋଡ଼ିନଥିଲେ । ଭାରତୀୟ ରାଜନୀତିରେ ମନମୋହନ ସିଂହଙ୍କ ଆବିର୍ଭାବ ପରଠାରୁ ଗଣତନ୍ତ୍ର ବଦଳି ଯାଇଥିଲା ଧନତନ୍ତ୍ରକୁ । ମାତ୍ର ମୋଦି ଏପରି ଏକାଏକ ବିମୁଦ୍ରାକରଣ କରି ଧନତନ୍ତ୍ରକୁ ଜଣତନ୍ତ୍ରରେ ପରିବର୍ତ୍ତନ କରିଛନ୍ତି । ଜାପାନରୁ ଫେରି ଦେଶର ଶୋଚନୀୟ ଅବସ୍ଥା ସ୍ୱଚକ୍ଷୁରେ ଦେଖି ମଧ୍ୟ ସେ ତାଙ୍କ ମନ୍ତ୍ରୀ ପରିଷଦରେ କାର୍ଯ୍ୟୋତ୍ତର ଅନୁମୋଦନ ଲୋଡ଼ିନାହାନ୍ତି; କେବଳ 'ମୁଁ' ସର୍ବସ୍ୱ ଭାଷଣ ରଖିଛନ୍ତି; 'ମୋତେ ଆଉ ୫୦ ଦିନ ସମୟ ଦିଅ' ବୋଲି ଲୋକଙ୍କୁ କହିଛନ୍ତି ଓ ଯଦି 'ମୁଁ' ସଫଳ ନ ହୁଏ 'ମୋତେ ମାରିଦିଅ' ବୋଲି ଆଖିରୁ ଲୁହଗଡ଼ାଇ କହିଛନ୍ତି । ଏହି 'ମୁଁ' ଓ 'ମୋତେ' ଛଡ଼ା ତାଙ୍କ ଉଚ୍ଚାରଣ ଓ ଆଚରଣରେ କିଛି ନାହିଁ । ନାହିଁ ତାଙ୍କ ମନ୍ତ୍ରୀ ପରିଷଦ , ନାହିଁ ବି ତାଙ୍କ ଦଳ । ଏହା ହିଁ ଜଣତନ୍ତ୍ର ଯାହା ଏବେ ଭାରତକୁ କବଳିତ କରିଛି ।

**ଏବେ କଳାଟଙ୍କା ଉପାଖ୍ୟାନ**

(କ) ପାଞ୍ଚଶହ ଓ ହଜାରଟଙ୍କା ମୂଲ୍ୟର ନୋଟ୍ ଅକାମୀ କରିଥିବା ମୋଦିଙ୍କ ପଦକ୍ଷେପ ଭାରତରୁ କଳାଟଙ୍କା ଲୋପ କରିଦେବ ବୋଲି ସେ ନିଜେ ଓ ତାଙ୍କର ଅନ୍ଧ ସ୍ତାବକମାନେ ଚିତ୍କାର କରୁଛନ୍ତି । ଅଥଚ କଳାଟଙ୍କାର ସଜ୍ଞା କଣ ତାହା ସେ ବା ସେମାନେ ଜାଣି ନାହାନ୍ତି କି ସେ ସଂପର୍କରେ ଭାରତର ସାଧାରଣ ଲୋକଙ୍କୁ କିଛି କହୁନାହାନ୍ତି । ପରେ ଏଠିକି ଆସିବା ।

(କ-୧) ପ୍ରଥମେ ଦେଖିବା କଳାଟଙ୍କା ବାବଦରେ ମୋଦିଙ୍କ ବୟାନ କଣ ଥିଲା ୨୦୧୪ରେ ଭୋଟ ମାଗିଲାବେଳେ । ଭାରତର ବେପାରୀ ସଂପ୍ରଦାୟ ଓ କେତେକ ରାଜନେତା ଦେଶରେ ନ ରଖି ବିଦେଶୀ ବ୍ୟାଙ୍କମାନଙ୍କରେ ଯେଉଁ ଟଙ୍କା ଲୁଚାଇଛନ୍ତି ବା ଖଟାଇଛନ୍ତି ତାହା ହିଁ କଳାଟଙ୍କା ବୋଲି କହି ସେ କ୍ଷମତାକୁ ଆସିଲେ ସେହି ସମସ୍ତ କଳାଟଙ୍କାକୁ ଦେଶକୁ ନେଇଆସିବେ ଓ ତାଙ୍କ ହିସାବରେ ସେ ଟଙ୍କାର ପରିମାଣ ଏତେ ଯେ , ପ୍ରତି ଭାରତୀୟର ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଲେଖାଏଁ ଟଙ୍କା ତଦ୍ୱାରା ଜମା ହୋଇଯିବ ବୋଲି ସେ ଘୋଷଣା କରିଚାଲିଥିଲେ । ଅନାଟନଗ୍ରସ୍ତ ଲୋକେ ଏହି ବାଚନିକ ଲାଞ୍ଚ ନେଇ ତାଙ୍କୁ ଭୋଟ ଦେଇଥିଲେ । କ୍ଷମତାକୁ ଆସିଲା ପରେ ସେ ବିଦେଶୀ ବ୍ୟାଙ୍କମାନଙ୍କରେ ସେହି କଳାଟଙ୍କା ରଖିଥିବା ଦେଶଦ୍ରୋହୀଙ୍କ ସହ ହୁଏତ ହାତ ମିଳାଇଛନ୍ତି ଓ ସେମାନଙ୍କଠାରୁ ଯଥେଷ୍ଟ କମିଶନ ନେଇ ସେମାନଙ୍କୁ ସୁରକ୍ଷା ଯୋଗାଇଛନ୍ତି । କାଳେ ଏହି ଗୁମର ଧରା ପଡ଼ିଯିବ ସେଥିପାଇଁ ସେ ଏହି ନୂଆ ଚାଲ୍ ଖେଳି , ସବୁ କଳାଟଙ୍କା ଦେଶ ଭିତରେ ଅଛି ବୋଲି ଧାରଣା ତିଆରି କରିବାକୁ ଭାରତରେ ପ୍ରଚଳିତ ଥିବା ୫୦୦ ଓ ୧୦୦୦ ଟଙ୍କା ମୂଲ୍ୟର ନୋଟ ସମୂହକୁ ଏପରି ନାଟକୀୟ ଶୈଳୀରେ ଅକାମୀ କରିଦେଇଛନ୍ତି ବୋଲି ସନ୍ଦେହ ଉପୁଜୁଛି ।

(ଖ-୨) ସେ କାହିଁକି ବିଦେଶରେ ଠାବ କରିଥିବା କଳାଟଙ୍କାକୁ ତାଙ୍କ ଘୋଷଣାମତେ ଦେଶକୁ ଟାଣିଆଣି ପ୍ରତି ଲୋକର ବ୍ୟାଙ୍କ ଜମାଖାତାରେ ୧୫ ଲକ୍ଷ ଲେଖାଏଁ ଟଙ୍କା ଏଯାଏଁ ପଇଠ କରିନାହାନ୍ତି ତାହା ଯଦି ସ୍ପଷ୍ଟ ନ କରନ୍ତି, ଏହି ସନ୍ଦେହ ଦୂର ହେବ ନାହିଁ, ବରଂ ଅଧିକ ଦୃଢ଼ ହେବ । ମନେହୁଏ , ତାଙ୍କ ମନ୍ତ୍ରୀସ୍ତରୀୟ ସହକର୍ମୀମାନେ ଓ ଭାଜପା ନେତୃତ୍ୱ ଏହି ଗୁମର ଜାଣନ୍ତି । କାଳେ ବାକ୍‌ବିତଣ୍ଡା ହେବ ଓ ଗୁମର ଫିଟିଯିବ , ସେହି ଭୟରେ ସେ ମନ୍ତ୍ରୀମଣ୍ଡଳ ଓ ତାଙ୍କ ଦଳର ନେତୃତ୍ୱ ସହ ପରାମର୍ଶ ନ କରି ନଭେମ୍ବର ୮ର ଘୋଷଣା କରିଛନ୍ତି କି? ଏ ଆଶଙ୍କା ଯୁକ୍ତିସଙ୍ଗତଭାବେ ଦୂର କରିବାକୁ ଚେଷ୍ଟା ନ କରି ମୋଦିବାଦୀମାନେ

ଗାଲୁଭୁରୁଡ଼ିମାରି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଛନ୍ତି ।

**କଳାଟଙ୍କାର ସଜ୍ଞା**

କଳାଟଙ୍କା କଣ? ଯେଉଁ ଟଙ୍କା ବ୍ୟାଙ୍କଖାତାରେ ଜମା ନ ହୋଇ ବ୍ୟକ୍ତିବିଶେଷଙ୍କ ନିଜ ସିନ୍ଧୁକରେ ଠେସାହୋଇରହିଥାଏ , ତାହା ହିଁ କଳା ଟଙ୍କା ବୋଲି ଏକ ଧାରଣା ସୃଷ୍ଟି କରିବାକୁ ମୋଦି ଓ ତାଙ୍କ ଅନୁଗତବାହିନୀ ଉଦ୍ୟମରତ । ଏହା ଏକ ଦୁରଭିସନ୍ଧିମୂଳକ ପ୍ରଚେଷ୍ଟା । ଓଡ଼ିଶାଜାତ ବିଶ୍ୱବିଖ୍ୟାତ ଅର୍ଥନୀତି ବିଶାରଦ ପ୍ରଫେସର୍ ପ୍ରଭାତ ପଟ୍ଟନାୟକଙ୍କ ମତାନୁସାରେ ପ୍ରତି ଶିଳ୍ପପତି ବା ବେପାରୀ ବା ପଦାଧିକାରୀ ସେମାନଙ୍କ ହାତକୁ ଆସୁଥିବା ସବୁ ଟଙ୍କା ସବୁବେଳେ ବ୍ୟାଙ୍କରେ ରଖିନପାରନ୍ତି , କାରଣ ନିଜ ନିଜ ସଂସ୍ଥା ଚଳାଇବାକୁ ଆକସ୍ମିକ ଭାବେ ନଗଦ ଟଙ୍କାର ଆବଶ୍ୟକତା ଥାଏ । ତେଣୁ , ବ୍ୟାଙ୍କରେ ନଥାଇ ପାଖରେ ଥିବା ଟଙ୍କା ଯେ କେବଳ କଳା ଟଙ୍କା ତାହା ଆଦୌ ଠିକ୍ ନୁହେଁ । ଆଇନ ସମ୍ମତ ଭାବେ ଉପାର୍ଜିତ ଅଥଚ ଘରେ ଗଚ୍ଛିତ ସମସ୍ତ ଟଙ୍କା ଯେକୌଣସି ସମୟରେ ବି ବ୍ୟାଙ୍କରେ ଜମା କରାଯାଇପାରେ ; କାରଣ କେଉଁ ସୂତ୍ରରୁ ତାହା ଉପାର୍ଜିତ ତାହା କହିବାକୁ କିଛି ବି ଅସୁବିଧା ନଥାଏ । ଯେଉଁ ଟଙ୍କା ଅସଦ୍ ଉପାୟରେ ଅର୍ଜିତ , ଅର୍ଥାତ୍ ଯେଉଁ ଟଙ୍କା କିପରି ଭାବେ ଉପାର୍ଜିତ ତାହା କହିବାକୁ ଟଙ୍କା ରଖିଥିବା ବ୍ୟକ୍ତି ଭୟ କରେ, କେବଳ ସେହି ଟଙ୍କା ହିଁ କଳାଟଙ୍କା ।

ଅତଏବ , ବ୍ୟାଙ୍କରେ ନଥାଇ କାହା ଘରେ ଥିବା ସବୁ ଟଙ୍କା କଳାଟଙ୍କା ନୁହେଁ । କେବଳ ବେଆଇନ କାରବାର ଦ୍ୱାରା ଉପାର୍ଜିତ ଟଙ୍କା ହିଁ କଳାଟଙ୍କା । ମୋଦି ଦେଶରେ ଚାଲିଥିବା ବେଆଇନ କାରବାର ଉପରେ ଆକ୍ରମଣ ନ କରି , ଦେଶର ସର୍ବାଧିକ ସଂଖ୍ୟକ ଭଲ ଭାରତୀୟଙ୍କୁ ଆକ୍ରମଣ କରିଛନ୍ତି ଓ ଠେଲି ଦେଇଛନ୍ତି ଆର୍ଥିକ ଅସହାୟତା କବଳକୁ । ମାତ୍ର ସବୁ ବେଆଇନ କାମ ନିଧଡ଼କ ଚାଲିଛି । କାରଣ ସେ ପୁଞ୍ଜିବାଦୀ ଅର୍ଥନୀତି କାର୍ଯ୍ୟକାରୀ କରୁଛନ୍ତି ଓ ପୁଞ୍ଜିବାଦୀ ବ୍ୟବସ୍ଥା ହିଁ ହେଉଛି ବେଆଇନ କାରବାରର ବ୍ୟବସ୍ଥା ।

ଅପରପକ୍ଷେ , କେତେକ ଅସାଧୁ ଭାରତୀୟ ବିଦେଶରେ ଯେଉଁ ଅସୁମାରୀ ଟଙ୍କା ରଖିଛନ୍ତି ତାହା ହିଁ କଳାଟଙ୍କା । ନିଜ ନିର୍ବାଚନ ପ୍ରଚାରସଭାମାନଙ୍କରେ ତାହା ଉଦ୍ଧାର କରି ଭାରତର
ଜନସାଧାରଣଙ୍କୁ ଦେଇଦେବାକୁ କହିଥିଲେ ମୋଦି । ସେହି ଚିହ୍ନିତ ହୋଇଥିବା ଦେଶଦ୍ରୋହୀଙ୍କ କଳାଟଙ୍କା ଉଦ୍ଧାର ନ କରି , କେବଳ ଦେଶ ଭିତରେ ଥିବା ଟଙ୍କାର ବିମୁଦ୍ରାକରଣ କରି ସେ ଲୋକଙ୍କୁ ବିଭ୍ରାନ୍ତ ଓ ଦେଶକୁ କ୍ଷତାକ୍ତ କରିଚାଲିଛନ୍ତି ।

ଦେଶପ୍ରେମୀ ଦାୟିତ୍ୱବୋଧ ଆମକୁ କି ଡାକରା ଦେଉଛି ?